Largest Circulated Odia Daily

SAMBAD

ସମ୍ବାଦ

ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ

+2 SC. | KSSC | Vocational | Diploma
MBBS | BDS | Nursing | MBA | MCA
BTech | MTech | Ph.D.
KIIT
www.kiit.org

| ଏକ ସଙ୍ଗେ ପ୍ରକାଶିତ ଓ ପ୍ରସାରିତ | ଅନୁଗୁଳ | ବାଲେଶ୍ୱର | ଭୁବନେଶ୍ୱର | କଟକ | ବ୍ରହ୍ମପୁର | ଜୟପୁର | ରାଉରକେଲା | ସମ୍ବଲପୁର |
|---|---|---|---|---|---|---|---|---|

ଭାରତ ୫୧ ରନ୍‌ରେ ପରାସ୍ତ, ନ୍ୟୁଜିଲାଣ୍ଡ ୪୩ ଓଭରରେ ୨୧୫ , ଭାରତ ୩୭.୨ ଓଭରରେ ୧୬୪ ରେ ଅଲ୍

ତାରିଖ : ୮/୨୬/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୬.୨ | ୩୪.୧ |
| କଟକ | ୨୬.୫ | ୩୪.୧ |
| ବାଲେଶ୍ୱର | ୨୫.୮ | ୩୩.୬ |
| ଗୋପାଳପୁର | ୨୭.୨ | ୩୪.୨ |
| ଝାରସୁଗୁଡ଼ା | ୨୪.୮ | ୩୨.୬ |

ବିତର୍କ/ମତାମତ ସଂଗ୍ରହ

ସ୍କୁଲମାନଙ୍କରେ ଯୌନ ଶିକ୍ଷା ଏକ ଉଚିତ ପଦକ୍ଷେପ କି?

- ○ : ହଁ.....
- ○ : ନାହିଁ.....
- ○ : କହିପାରିବେନି....

Vote

## ପୂର୍ଣ୍ଣ ବିବରଣୀ

- ବିମାନବନ୍ଦରରୁ ଡମଣା ଛକ ଯାଏଁ ଫୋର ଲେନିଂ

ଭୁବନେଶ୍ୱର: ରାଜଧାନୀର ଟ୍ରାଫିକ୍ ଏକ ମୁଖ୍ୟ ସମସ୍ୟା । ଏହାକୁ କିଛି ମାତ୍ରାରେ ସୁଧାରିବା ଲାଗି ସରକାର ବିମାନବନ୍ଦରଠାରୁ ଏଜି ଛକ-ରାଜଭବନ-ଜୟଦେବ ବିହାର ଦେଇ ଡମଣା ଛକ ପର୍ଯ୍ୟନ୍ତ ୮ କି.ମି. ରାସ୍ତାକୁ ବିମାନବନ୍ଦରରୁ ଡମଣା ଛକ ଯାଏଁ ଫୋର ଲେନିଂ କରିବା ଲାଗି ଏକ ବଡଧରଣର ଯୋଜନା ହାତକୁ ନେଇଛନ୍ତି । ଏହି ରାସ୍ତାକୁ ୭ଟି ଭାଗରେ ବିଭକ୍ତ କରାଯାଇଛି । ସ୍ୱସ୍ତି ହୋଟେଲ୍‌ଠାରୁ ଡମଣା ଛକ ପର୍ଯ୍ୟନ୍ତଗୋଟିଏ ଭାଗ ଅନ୍ୟ ଭାଗଗୁଡିକ ହେଉଛି ହୋଟେଲ୍ ସ୍ୱସ୍ତିପ୍ଲାଜା-ଜୟଦେବ ବିହାର, ଜୟଦେବ ବିହାର୍-ନିକୋପାର୍କ ଛକ, ନିକୋପାର୍କ ଛକ-ରାଜଭବନ, ରାଜଭବନ-ଏଜି, ଏଜି-ଏକାମ୍ରମାର୍ଗ ଛକ ଓ ଏକାମ୍ରମାର୍ଗ ଛକଠାରୁ ସିଧାସଳଖ ବିମାନବନ୍ଦର ପର୍ଯ୍ୟନ୍ତ । ଏହି ରାସ୍ତାର ରାଜଭବନଠାରୁ ଡମଣା ପର୍ଯ୍ୟନ୍ତ ପୂର୍ବ ବିଭାଗର ଡିଭିଜନ୍-୩ ଅଧୀନରେ ରହୁଥିବା ବେଳେ ରାଜଭବନଠାରୁ ବିମାନବନ୍ଦର ପର୍ଯ୍ୟନ୍ତ ପୂର୍ବ ବିଭାଗର ଡିଭିଜନ୍-୨ ଅଧୀନରେ ରହିଛି । ଅସନ୍ତା ୨୦୦୫ ଅକ୍ଟୋବର ୩୦ ସୁଦ୍ଧା ଏହି ଫୋର୍ଲେନିଂ କାର୍ଯ୍ୟ ଶେଷ କରାଯିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଏହି ରାସ୍ତାର ଜୟଦେବବିହାରଠାରୁ ନିକୋପାର୍କ ଛକ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ପ୍ରାୟ ଚୂଡାନ୍ତ ହୋଇଥିବା ବେଳେ ଜୟଦେବବିହାର୍-ସ୍ୱସ୍ତି ପ୍ଲାଜା ରାସ୍ତାର ଫୋର୍ ଲେନିଂ କାର୍ଯ୍ୟ ଚାଲୁ ରହିଛି । ରାଜଭବନ-ଏଜି ଏବଂ ଏଜି-ଏକାମ୍ରମାର୍ଗ ପର୍ଯ୍ୟନ୍ତ ରାସ୍ତାର ଟେଣ୍ଡର





ଭୁବନେଶ୍ୱର ଇସ୍କନ ମଠରେ ଜନ୍ମାଷ୍ଟମୀ ।

ଅନ୍ୟାନ୍ୟ ଖବର

- ଅବକାରୀ ଚଢ଼ାଉ; ୪୦ ହଜାର ଟଙ୍କାର ଚୋରା ମଦ ଜବତ
- ଅନଗ୍ରସର ଅର୍ଥ ଉନ୍ନୟନ ନିଗମର କର୍ମଶାଳା
- ମାଆକୁ ମାଡ଼ ମାରି ପୁଅ ଜେଲରେ
- ସାହସୀ ବାଳିକା ଆତଙ୍କ ସୃଷ୍ଟିକାରୀ ମାଙ୍କଡ଼କୁ ମାରି ଦେଲା
- ପୋଲିସ୍ ଭୟରେ ଗୁଂଜିବାଡି ଗ୍ରାମ ପୁରୁଷଶୂନ୍ୟ
- ଝାଡ଼ାବାନ୍ତିରେ ଦୁଇ ବାଳକ ମୃତ
- ନିର୍ଯାତିତ ବଧୂର ମୃତ୍ୟୁ ପରେ ଶ୍ୱଶୁରର ଆତ୍ମହତ୍ୟା

ହୋଇଥିବା ପୂର୍ତ୍ତ ବିଭାଗ ସୂତ୍ରରୁ ପ୍ରକାଶ । ରାଜଧାନୀର ତିନିଟି ତାରକା ହୋଟେଲ୍, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲକୋ, ଇଷ୍ଟକୋଷ୍ଟ ରେଳବାଇ କାର୍ଯ୍ୟାଳୟ, କଳିଙ୍ଗ ହସ୍ପିଟାଲ୍, ଏକ୍ସଆଇଏମବି, ଫର୍ଚ୍ୟୁନ୍ ଟାୱାର, ଇନ୍ଫୋସିଟି ଓ ଇନ୍ଫୋସିସ୍ଏବଂ ସତ୍ୟମ ଭଳି ଆଇଟି କଂପାନିଙ୍କର ଡେଭଲପେମେଣ୍ଟ ସେଣ୍ଟର ଥିବା ସହିତ ଏକାଧିକ ଇଞ୍ଜିନିୟରିଂ କଲେଜ୍ ମଧ୍ୟ ବିମାନବନ୍ଦରଠାରୁ ଡମଣା ଛକ ମଧ୍ୟରେ ରହିଛି । ଏହି ସବୁ କାରଣୁ ଏହି ରାସ୍ତା ଦିନକୁଦିନ ଅଧିକ ଗୁରୁତ୍ୱପୂର୍ଣ ହୋଇପଡୁଛି । ଦେଶର ଅନ୍ୟ ଦୁଇଟି ଅଗ୍ରଣୀ ଆଇଟି କଂପାନି ଟିସିଏସ୍ ଏବଂ ୱିପ୍ରୋ ସେମାନଙ୍କ ଡେଭଲପେମେଣ୍ଟ ସେଣ୍ଟର ସ୍ଥାପନ କରିବା ଲାଗି ଜମି ଅଧିଗ୍ରହଣ କରିସାରିଥିବା ପରିପ୍ରେକ୍ଷୀରେ ଆଗାମୀ ଦିନରେ ଏହି ରାସ୍ତା ଆହୁରି ଗହଳି ହୋଇପଡିବ ଏଥିରେ ସନ୍ଦେହ ନାହିଁ । ପ୍ରମୁଖ ଆଇଟି କଂପାନିର କାର୍ଯ୍ୟନିର୍ବାହୀମାନେ ବିମାନବନ୍ଦରରୁ ଡେଭଲପେମେଣ୍ଟ ସେଣ୍ଟରରେ ପହଞ୍ଚିବା ବାଟରେ ଯେପରି କମ ଟ୍ରାଫିକ୍ ସମସ୍ୟା ଅନୁଭବ କରିବେ ସେଥିପାଇଁ ଦ୍ୟାନ ଦ ଆଯାଉଛି । ସରକାର ରାଜ୍ୟର ହିତ ଦୃଷ୍ଟିରୁ ଏହି ରାସ୍ତାକୁ ଫୋର୍ ଲେନିଂ କରିବା ଲାଗି ପଦକ୍ଷେପ ଗ୍ରହଣ କରିଛନ୍ତି । ଏହା ମଧ୍ୟ ରାଜ୍ୟର ପର୍ଯ୍ୟଟନ କ୍ଷେତ୍ରରେ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବ । ଏହି ରାସ୍ତା ଫୋର୍ଲେନିଂ କରାଯିବା ସହିତ ଏଥିରେ ଆଧୁନିକ ଲାଇଟିଂ ବ୍ୟବସ୍ଥା ଓ ଫୁଟପାଥ୍ ରହିବ । ରାସ୍ତା ଉପରେ ଲୋକମାନେ ଓ ଗାଇଗୋରୁ ଅତିକ୍ରମକୁ ରୋକିବା ଲାଗି ଗ୍ରିଲ୍ ଲାଗାଯିବ । ଏହାବ୍ୟତୀତ ରାଜଧାନୀର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଲାଗି ବୃକ୍ଷରୋପଣ ପାଇଁ ମଧ୍ୟଧ୍ୟାନ ଦିଆଯାଉଛି । ଏହି ରାସ୍ତାକଡରେ ବୃକ୍ଷରୋପଣ ଲାଗି ବିଡିଏ ଦ ାୟିତ୍ୱ ନେଇଛି । ସେହିପରି ଏହି ରାସ୍ତାରେ ପଡୁଥିବା ପାୱାରହାଉସ୍ ଛକଠାରେ ମାଷ୍ଟରକ୍ୟାଣ୍ଟିନ୍ ଛକ ସଦୃଶ ଏକ ଗୋଲେଇ କରାଯିବ । ଏକାମ୍ରମାର୍ଗରୁ ବିମାନବନ୍ଦରକୁ ସିଧାସଳଖ ସଂଯୋଗ କରାଯିବା ଲାଗି ମଝିରେ ରହିଥିବା ଜମିକୁ ମଧ୍ୟ ଅଧିଗ୍ରହଣ କରାଯାଇଛି । ଡମଣାଛକରୁ ହୋଟେଲ୍ ସ୍ୱସ୍ତିପ୍ଲାଜା ପର୍ଯ୍ୟନ୍ତ ରାସ୍ତାକୁ ଫୋର୍ ଲେନିଂ

- ୩ ଶହ ପିଲାଙ୍କ ପାଇଁ ୨ ଜଣ ଶିକ୍ଷକ
- କୋର୍ଟରେ ହାଜର ହେବା ପୂର୍ବରୁ ଯୁବକର ବ୍ୟାଗରୁ ବୋମା ଉଦ୍ଧାର
- କଲେଜ ଅଧ୍ୟକ୍ଷଙ୍କ ବଦଳି ଦାବିରେ ଛାତ୍ର ଉତ୍ତେଜନା
- ଅନୁଗୁଳ ଜେଲରେ ଥିବା କଏଦୀଙ୍କ ପିଲାଙ୍କୁ ପାଠ୍ୟ ପୁସ୍ତକ ବଣ୍ଟନ
- ବାଳକାଟି ବଜାରରେ ବର୍ଷାଜଳ ନିଷ୍କାସନ ସମସ୍ୟା ଉତ୍କଟ
- ହରିହର ବାହିନୀପତିଙ୍କ ବିୟୋଗରେ ଶୋକ
- ଜଙ୍ଗଲରୁ ବିପୁଳ ପରିମାଣର କିରୋସିନି, ଡିଜେଲ ଜବତ
- ବର୍ଜ୍ୟବସ୍ତୁ ପରିଚାଳନାରେ ପ୍ର ତ୍ୟେକଙ୍କର ବ୍ୟକ୍ତିଗତ ଦାୟିତ୍ୱ ରହିଛି, ରାଜ୍ୟରେ ପ୍ରତି ୩ ମିନିଟରେ ଟିବିରେ ୩ ମରୁଛନ୍ତି
- ଭାପୁର: ଟ୍ୟୁସନ୍ ମାଷ୍ଟରଙ୍କୁ ନିର୍ମମ ହତ୍ୟା
- ବାଲିଗୁଡାରୁ ଦୁଇଟି ଚିତାବାଘ ଚମଡା ଜବତ, ୩ ଗିରଫ
- ସିଏସ୍ଏସ୍ଆର୍ରେ ସାମାଜିକ ସେବା ପାଠ୍ୟକ୍ରମର ଦ୍ୱିତୀୟ ବ୍ୟାଚ୍ ଆରମ୍ଭ
- ମୁକୁନ୍ଦପୁର: ନାବାଳିକାକୁ ଅସଦ ାଚରଣ ପରେ ମାଡ଼ ଭୟରେ ବାଳକର ଆତ୍ମହତ୍ୟା

କରାଯିବା ଲାଗି ୮.୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ସ୍ୱସ୍ତି ହୋଟେଲ୍ ପାଖରୁ ଜୟଦେବବିହାର ପର୍ଯ୍ୟନ୍ତ ୨.୯୭ କୋଟି ଟଙ୍କା, ନିକୋପାର୍କ-ରାଜଭବନ ରାସ୍ତା ପାଇଁ ୪.୮୫ କୋଟି ଟଙ୍କା, ରାଜଭବନ-ଏଜି ୨.୭ କୋଟି ଟଙ୍କା, ଏଜି-ଏକାମ୍ରମାର୍ଗ ୨.୭ କୋଟି ଟଙ୍କା, ଏକାମ୍ରମାର୍ଗ-ବିମାନବନ୍ଦର ରାସ୍ତା ନର୍ମାଣ ଲାଗି ୩.୨୨ କୋଟି ଟଙ୍କା ବ୍ୟୟ କରାଯିବାକୁ ସ୍ଥିର ହୋଇଛି। ଏକାମ୍ରମାର୍ଗରୁ ବିମାନବନ୍ଦର ମଝିରେ ଥିବା ରାସ୍ତାର ଅଳ୍ପ ଅଂଶ ବିମାନବନ୍ଦର କର୍ତୃପକ୍ଷଙ୍କ ଅଧୀନରେ ରହିଛି। ଏହି ରାସ୍ତାକୁ ବିମାନବନ୍ଦର କର୍ତୃପକ୍ଷ ନିର୍ମାଣ କରିବେ। ଫୋର୍ ଲେନିଂ ହେଉଥିବା ଏହି ରାସ୍ତାର ଏକ କି.ମି. ରାସ୍ତା ନିର୍ମାଣ ଲାଗି ପ୍ରାୟ ୩ କୋଟି ଟଙ୍କା ବ୍ୟୟ ହେଉଥିବା ଏକ ଆକଳନରୁ ପ୍ରକାଶ। ପାୱାର୍ ହାଉସ୍ ଛକରେ ନିର୍ମାଣ ହେବାକୁ ଥିବା ଗୋଲେଇ ଛକ ଲାଗି ୧.୮୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପାୱାର୍‌ହାଉସ୍ ଛକଠାରୁ ନିକୋପାର୍କ ପର୍ଯ୍ୟନ୍ତ ଥିବାର ରାସ୍ତାର ଗୋଟିଏ ପାଖରେ ୧୨୦ ଇନ୍‌ଫାଣ୍ଟ୍ରି ବାଟାଲିଅନ୍ ରହିଛି। ରାସ୍ତାର ପ୍ରଶସ୍ତିକରଣ ଲାଗି ବାଟାଲିଅନର ଜମି ଆବଶ୍ୟକ ପଡୁଥିବାରୁ ରାଜ୍ୟ ସରକାର ବାଟାଲିଅନ୍ କ ର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ପୂର୍ବପୃଷ୍ଠା





Copyright © 2001 orissasambad.com

Site Developed by : www.wayindia.com